# NATIONAL NEWS BULLETIN (ODIA)

**22 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- କେରଳର ସାବରୀମାଳା ମନ୍ଦିରରେ ପୂଜାର୍ଚ୍ଚନା କଲେ ରାଷ୍ଟ୍ରପତି
- ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷଦିବସ
- ନୂଆଦିଲ୍ଲୀଠାରେ ଆରମ୍ଭ ହୋଇଛି ଭାରତୀୟ ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ
- ମୋଟ୍ ଜଙ୍ଗଲ କ୍ଷେତ୍ରଫଳ ଦୃଷ୍ଟିରୁ ଭାରତ ବିଶ୍ୱସ୍ତରରେ ନବମ ସ୍ଥାନକୁ ଉନ୍ନୀତ

ଏବଂ

- ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ହେବ ମୁକାବିଲା

## ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କେରଳର ସାବରୀମାଳା ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ୪ ଦିନିକିଆ କେରଳ ଗସ୍ତ ଅବସରରେ ରାଷ୍ଟ୍ରପତି ଆଜି ତିରୁବଅନନ୍ତପୁରମ୍‌ଠାରୁ ପଠାଣମଥିଟ୍ଟାରେ ପହଞ୍ଚି ସଡ଼କପଥରେ ପାହାଡ଼ ଉପରେ ଅବସ୍ଥିତ ଏହି ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ସକାଳେ ମୂଳ ଶିବିର ପମ୍ପାଠାରେ କେରଳର ଦେବସୋମ ମନ୍ତ୍ରୀ ଭି.ଏନ୍. ଭାସବନ୍ ଏବଂ ଅନ୍ୟାନ୍ୟ

ବରିଷ୍ଠ ଅଧିକାରୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ମୁର୍ମୁ ପମ୍ପା ଗଣପତି ମନ୍ଦିରରେ ପହଞ୍ଚି ସାବରଲୀମାଳା ମନ୍ଦିରକୁ ଯିବା ପୂର୍ବରୁ ଇରୁମୁଦି ବାନ୍ଧିବା ସମେତ ପାରମ୍ପରିକ ରୀତିନୀତି ସଂପନ୍ନ କରିଥିଲେ । ଏକ ସ୍ୱତନ୍ତ୍ର ଯାନରେ ରାଷ୍ଟ୍ରପତି ସାବରୀମାଳା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ମଧ୍ୟାହ୍ନ ପୂଜା ସମାପ୍ତ ହେବା ପୂର୍ବରୁ ରାଷ୍ଟ୍ରପତି ସାବରୀମାଳା ସମିଧାନମରେ ଦର୍ଶନ କରିଥିଲେ । ଚାରିଦିନିଆ କେରଳ ଗସ୍ତରେ ଯାଇ ରାଷ୍ଟ୍ରପତି ଗତ ସନ୍ଧ୍ୟାରେ ତିରୁବନନ୍ତପୁରମ୍‌ଠାରେ ପହଞ୍ଚିଥିଲେ ।

## ବିହାର ଇଲେକ୍ସନ

ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷଦିବସ । ଗତକାଲି ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତାମାସ ୧୧ ତାରିଖରେ ଏହି ପର୍ଯ୍ୟାୟରେ ୧୨୨ଟି ଆସନ ପାଇଁ ମତ ଗ୍ରହଣ କରାଯିବ । ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ସଂପର୍କିତ ଅଭିଯୋଗଗୁଡ଼ିକୁ ସି-ଭିଜିଲ୍ ଆପ୍ ମାଧ୍ୟମରେ ଦାଖଲ କରିବା ପାଇଁ ନିର୍ବାଚନ ଆୟୋଗ ପରାମର୍ଶ ଦେଇଛନ୍ତି । ଆଦର୍ଶ ନିର୍ବାଚନ ଆଚରଣବିଧି କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ବିହାରରେ ମୋଟ୍ ୮୨୪ଟି ଫ୍ଲାଇଂ ସ୍କ୍ୱାର୍ଡ ନିଯୁକ୍ତ କରାଯାଇଛି ।

ଅନ୍ୟପକ୍ଷରେ ଓଡ଼ିଶାର ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ୨୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ନିମନ୍ତେ

ଶେଷଦିବସ ଧାର୍ଯ୍ୟ ହୋଇଛି । ଆସନ୍ତା ମାସ ୧୧ ତାରିଖରେ ମତ ଗ୍ରହଣ କରାଯିବ । ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ପାଶ୍ୱାନ-ଗ୍ରାଣ୍ଡ ଆଲାଏନ୍ସ

କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି, ଆସନ୍ତାମାସ ୧୪ ତାରିଖରେ ବିହାରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ସରକାର ଗଠନ କରିବ । ମହାମେଣ୍ଟରେ ଆସନ ବଣ୍ଟନ ନେଇ ଦଳଗୁଡ଼ିକ ମଧ୍ୟରେ ରହିଥିବା ମତଭେଦକୁ ସେ ସମାଲୋଚନା କରିବା ସହ କହିଛନ୍ତି, ଜାତୀୟ ଗଣତାନ୍ତ୍ରିକ ମେଣ୍ଟରେ ସମୟୋଚିତ ଆସନ ବଣ୍ଟନ ଘୋଷଣା କରାଯାଇଛି । ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଏଭଳି ବୁଝାମଣା ବିହାରବାସୀଙ୍କୁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଛି । ସେ କହିଛନ୍ତି ମହାମେଣ୍ଟର ୫ଟି ଦଳ ମଧ୍ୟରେ ବୁଝାମଣା ହୋଇପାରୁନଥିବା ବେଳେ ଏହି ମେଣ୍ଟ ବିହାରକୁ ଏକତ୍ର ରଖିପାରିବ ନାହିଁ ବୋଲି ରାଜ୍ୟବାସୀ ଅନୁଭବ କରିସାରିଛନ୍ତି ।

## ବିହାର ଇଲେକ୍ସନ

ବିହାର ବିଧାନସଭା ନିର୍ବାଚନ  ପୂର୍ବରୁ ଉଭୟ ସରକାରୀ ଏବଂ ବିରୋଧୀ ଦଳ ଗୁଡ଼ିକ ମତଦାତାମାନଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି । ରାଷ୍ଟ୍ରୀୟ ଜନତା ଦଳର ନେତା ତେଜସ୍ୱୀ ଯାଦବ ପାଟନାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ତେଜସ୍ୱୀ ଯାଦବ କହିଛନ୍ତି, ସ୍ୱୟଂସହାୟକ ଗୋଷ୍ଠୀ ସହ ଜଡ଼ିତ ପ୍ରତ୍ୟେକ ଜୀବିକା ଦିଦିଙ୍କୁ ମାସିକ ୩୦ ହଜାର ଟଙ୍କା ସହ ସ୍ୱାସ୍ଥ୍ୟବୀମା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ ।

ଭାରତୀୟ ଜନତା ପାର୍ଟି କହିଛି, ଏନ୍‌ଡିଏ କ୍ଷମତାକୁ ଆସିଲେ ରାଜ୍ୟରେ ବିକାଶ ତ୍ୱରାନ୍ୱିତ ହେବ । ବିଜେପି ରାଜ୍ୟ ସଭାପତି ଡକ୍ଟର ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି, ବିଧାନସଭା ନିର୍ବାଚନରେ ବିହାର ଜନତା ପୁଣିଥରେ ବିଧାନସଭା ନିର୍ବାଚନରେ ଏନଡିଏକୁ ସ୍ପଷ୍ଟ ବହୁମତ ଦେବେ ବୋଲି ସେ ଦୃଢ଼ ଆଶା ରଖିଛନ୍ତି ।

## ନେଭି-କମାଣ୍ଡର କନ୍‌ଫରେନ୍ସ

ଭାରତୀୟ ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଆଜି ନୂଆଦିଲ୍ଲୀଠାରେ ଆରମ୍ଭ ହୋଇଛି । ଅପରେସନ ସିନ୍ଦୂର ଏବଂ ନୌସେନାର ଅନ୍ୟାନ୍ୟ ଅପରେସନ ଓ ଯୁଦ୍ଧ ପ୍ରସ୍ତୁତି ପୃଷ୍ଠଭୂମିରେ ଏହି ୩ ଦିନିଆ ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ସାଂପ୍ରତିକ ଭୂ-ରଣନୈତିକ ପରିବେଶରେ ବହୁପକ୍ଷୀୟ ଆହ୍ୱାନକୁ ପ୍ରତିହତ କରିବାରେ ନୌସେନାର ଦୃଷ୍ଟିକୋଣ ଏହି ସମ୍ମିଳନୀ ସୁଦୃଢ଼ କରିବ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲି ସମ୍ମିଳନୀକୁ ସମ୍ବୋଧନ କରିବେ । ଜାତୀୟ ସ୍ୱାର୍ଥ ଏବଂ ୨୦୪୭ ବିକଶିତ ଭାରତ ଦୃଷ୍ଟିକୋଣ ଉପରେ ମନ୍ତ୍ରୀ ଶ୍ରୀ ସିଂ ମତ ଉପସ୍ଥାପନ କରିବାର ସମ୍ଭାବନା ରହିଛି । ସେନା ମୁଖ୍ୟ ଏବଂ ନୌସେନା ମୁଖ୍ୟ ଭାରତ ମହାସାଗର କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା ପରିସ୍ଥିତି ସଂପର୍କିତ ଯୋଜନା ଗୁଡ଼ିକର ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି । ଭାରତୀୟ ସେନା, ଭାରତୀୟ ବାୟୁସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ସହିତ ସମ୍ମିଳିତ ପଦକ୍ଷେପ ମାଧ୍ୟମରେ ଆନ୍ତଃ କାର୍ଯ୍ୟକ୍ଷମତା ଏବଂ ଯୁଦ୍ଧ ପ୍ରସ୍ତୁତି ନେଇ ନୌସେନା ନିଜର ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ଏହି ସମ୍ମିଳନୀ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଇଣ୍ଡିଆ ଫରେଷ୍ଟ ଏରିଆ

ବିଶ୍ୱ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଭାରତ ଏକ ଉଲ୍ଲେଖନୀୟ ମାଇଲ୍ ଖୁଣ୍ଟ ହାସଲ କରିଛି। ମୋଟ୍ ଜଙ୍ଗଲ କ୍ଷେତ୍ରଫଳ ଦୃଷ୍ଟିରୁ ଭାରତ ବିଶ୍ୱସ୍ତରରେ ନବମ ସ୍ଥାନକୁ ଉନ୍ନୀତ ହୋଇଛି । ଇଣ୍ଡୋନେସିଆର ବାଲିଠାରେ ଖାଦ୍ୟ ଓ କୃଷି ସଂରକ୍ଷଣ ଦ୍ୱାରା ପ୍ରକାଶିତ ବିଶ୍ୱ ବନସଂପଦ ମୂଲ୍ୟାଙ୍କନ ୨୦୨୫ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି, ଏହି ସଫଳତା ବନୀକରଣ, ଜଙ୍ଗଲ ସୁରକ୍ଷା ଏବଂ ସଂପ୍ରଦାୟ ନେତୃତ୍ୱ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନୀତି ଏବଂ କାର୍ଯ୍ୟକ୍ରମକୁ ପ୍ରତିଫଳିତ କରୁଛି । ପୂର୍ବରୁ ଏହି ମୂଲ୍ୟାଙ୍କନରେ ଥିବା ଦଶମ ସ୍ଥାନରୁ  ଉନ୍ନୀତ ହୋଇ ଭାରତ ଏବେ ନବମ ସ୍ଥାନରେ ପହଞ୍ଚିବା ଏକ ବଡ଼ ସଫଳତା ବୋଲି ସେ ବର୍ଣ୍ଣନା କରିଛନ୍ତି । ପରିବେଶ ସୁରକ୍ଷା ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ଦେଶର ସ୍ଥିର ପ୍ରତିବଦ୍ଧତାକୁ ଏହା ପ୍ରତିପାଦନ କରୁଛି ବୋଲି ଶ୍ରୀ ଯାଦବ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏକ୍ ପେଡ୍ ମା କେ ନାମ୍ ଅଭିଯାନ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଦେଶବ୍ୟାପୀ ଏହା ଏକ ଜନଆନ୍ଦୋଳନରେ ପରିଣତ ହେବା ସହ ପରିବେଶକୁ ସବୁଜ ଓ  ସ୍ୱଚ୍ଛ ରଖିବାରେ ପ୍ରେରଣା ପ୍ରଦାନ କରୁଛି ।

---

# ଲଦାଖ-ଟକ୍

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଉଚ୍ଚ କ୍ଷମତାସଂପନ୍ନ କମିଟି ଏବଂ  ଲଦାଖ ନେତୃମଣ୍ଡଳୀ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ନୂଆଦିଲ୍ଲୀରେ ଆଲୋଚନା ଜାରି ରହିଛି ।

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ଗତମାସରେ ବିକ୍ଷୋଭ ପ୍ରଦର୍ଶନ ଘଟଣା ପରେ ଏହା ହେଉଛି ପ୍ରଥମ ଆନୁଷ୍ଠାନିକ ଆଲୋଚନା । ଲେହର ଶୀର୍ଷ ନେତୃତ୍ୱ ଏବଂ କାର୍ଗିଲ୍ ଗଣତାନ୍ତ୍ରିକ ମେଣ୍ଟ ଏହି ଆଲୋଚନାରେ ଅଂଶ ଗ୍ରହଣ କରୁଛନ୍ତି । ଆମ ଲେହ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ଆଲୋଚନା ଅବସରରେ ଲଦାଖର ପ୍ରତିନିଧି ମଣ୍ଡଳୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଚ୍ଚକ୍ଷମତା ସଂପନ୍ନ କମିଟି ସମ୍ମୁଖରେ ସେମାନଙ୍କର ପ୍ରମୁଖ ଦାବି ଗୁଡ଼ିକ ଉପସ୍ଥାପନ କରିବାର ସମ୍ଭାବନା ରହିଛି । ସେଥିମଧ୍ୟରେ ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ଅନୁସୂଚୀରେ ଲଦାଖକୁ ଅନ୍ତର୍ଭୁକ୍ତ କରିବା ଆଦି ରହିଛି । କେନ୍ଦ୍ର ସରକାରଙ୍କ ସହ ପୂର୍ବରୁ ହୋଇଥିବା ଆଲୋଚନା କାଳରେ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଏବଂ ବାସସ୍ଥାନ ଦାବିର ସମାଧାନ ହୋଇଥିଲା ।

## ଇସ୍ରାଏଲ୍-ହଷ୍ଟେଜ୍

ଗାଜାରେ ୨ବର୍ଷ ଧରି ହମାସ୍ ଦ୍ୱାରା ବନ୍ଦୀ ଥିବା ୨ ଜଣ ଇସ୍ରାଏଲ ପଣବନ୍ଦୀଙ୍କ ମୃତ ଶରୀରକୁ ଇସ୍ରାଏଲ୍‌କୁ ହସ୍ତାନ୍ତର କରାଯାଇଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଗାଜାରେ ହମାସ୍ ଏହି କଫିନ୍ ଗୁଡ଼ିକୁ ରେଡ୍‌କ୍ରସକୁ ହସ୍ତାନ୍ତର କରିଥିଲା । ରେଡ୍‌କ୍ରସ୍ ପକ୍ଷରୁ କଫିନ ଗୁଡ଼ିକୁ ଇସ୍ରାଏଲ୍ ସେନା ଏବଂ ସିନ୍‌ବେଟ ସୁରକ୍ଷା କର୍ମୀଙ୍କୁ ହସ୍ତାନ୍ତର କରାଯାଇଛି । ଇସ୍ରାଏଲ୍‌କୁ କଫିନ ଗୁଡ଼ିକୁ ଅଣାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ । ତେଲ୍ ଅଭିବ୍‌ରେ ଥିବା ଫୋରେନ୍‌ସିକ୍ ମେଡିସିନ୍ କେନ୍ଦ୍ରକୁ ଏହି ମୃତଦେହଗୁଡ଼ିକୁ ନିଆଯିବ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି ।  ଶେଷ ପଣବନ୍ଦୀ ନ ଫେରିବା ପର୍ଯ୍ୟନ୍ତ ପ୍ରୟାସ ଜାରି ରହିବ ବୋଲି ଇସ୍ରାଏଲ୍ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି । ଗାଜାରେ ୨୮ ଜଣ ପଣବନ୍ଦୀଙ୍କ ମୃତଦେହ ରଖାଯାଇଛି ଏବଂ ସେଥିମଧ୍ୟରୁ ହମାସ୍ ଏପର୍ଯ୍ୟନ୍ତ ୧୫ଟି ମୃତଦେହ ଫେରାଇଛି ବୋଲି ଇସ୍ରାଏଲ୍ ଆକଳନ କରିଛି ।

## ରୁଷ-ୟୁକ୍ରେନ୍ ଆଟାକ୍

ରୁଷ ୟୁକ୍ରେନ୍‌ର ସବୁ ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ ଯୋଗୁଁ ୨ ଜଣଙ୍କର ପ୍ରାଣହାନୀ ଘଟିଛି । ୟୁକ୍ରେନ୍‌ର ଅଧିକାରୀଙ୍କ କହିବା ଅନୁଯାୟୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଗୁଡ଼ିକ ଉଭୟ ଭିତ୍ତିଭୂମି ଓ ଆବାସସ୍ଥଳୀକୁ ଲକ୍ଷ୍ୟ କରି ନିକ୍ଷେପ କରାଯାଇଥିଲା । ଏହି ଆକ୍ରମଣ ଯୋଗୁଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନଙ୍କ ମଧ୍ୟରେ ହେବାକୁ ଥିବା ଶିଖର ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି । ୟୁକ୍ରେନ୍‌ର ଶକ୍ତିମନ୍ତ୍ରୀ ରୁଷ୍ ପକ୍ଷରୁ ଏହା ଏକ ବଡ଼ ଧରଣର ଆକ୍ରମଣ ବୋଲି କହିଛନ୍ତି । ଅପରପକ୍ଷରେ ରୁଷ୍ ଏହି ଆକ୍ରମଣ ସଂପର୍କରେ କୌଣସି ମନ୍ତବ୍ୟ ଦେଇନାହିଁ । ୟୁକ୍ରେନ୍ ସେନା କହିଛି, ଗତକାଲି ବ୍ରିଟେନ୍ ଦ୍ୱାରା ଯୋଗାଯାଇଥିବା ଷ୍ଟର୍ମ ସ୍ୟାଡୋ ମିଶାଇଲ୍ ବ୍ୟବହାର କରି ରୁଷ୍‌ର ରାସାୟନିକ କାରଖାନା ଉପରେ ଆକ୍ରମଣ କରିଥିଲେ ।

## ଗ୍ୟାଲାଣ୍ଟ୍ରି ସାଇଟେସନକ

ଅପରେସନ ସିନ୍ଦୂର ସମେତ ବିଭିନ୍ନ ଅପରେସନ ଅବସରରେ ଅସାଧାରଣ ସାହସିକତା ପ୍ରଦର୍ଶନ କରିଥିବା ପ୍ରତିରକ୍ଷା କର୍ମଚାରୀଙ୍କୁ ବୀରତା ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ସରକାର ଏ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି । ମୁଖ୍ୟତଃ ଭାରତୀୟ ବାୟୁସେନା ଏବଂ ସେନା କର୍ମଚାରୀଙ୍କ ପାଇଁ ଏହା ଉଦ୍ଦିଷ୍ଟ । ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଶସ୍ତ୍ର ବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀର କର୍ମଚାରୀଙ୍କୁ ୧୨୭ଟି ବୀରତା ପୁରସ୍କାର ଏବଂ ୪୦ଟି ବିଶିଷ୍ଟ ସେବା ପୁରସ୍କାର ପାଇଁ ମଂଜୁରୀ ପ୍ରଦାନ କରିଥିଲେ ।

# କ୍ରିକେଟ୍

ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ। ଭାରତୀୟ ସମୟ ଅପରାହ୍ଣ ୩ଟାରେ ଇନ୍ଦୋରର ହୋଲ୍‌କର୍ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଖେଳାଯିବ । ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବାରେ ଉଭୟ ଦଳ ନିଶ୍ଚିତ ହୋଇସାରିଛି । ତେବେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ପ୍ରତିଯୋଗିତାରେ ଅପରାଜିତ ରହିଛି ।